# NATIONAL NEWS BULLETIN (ODIA)

**9 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡ ରାଜ୍ୟ ଗଠନର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

– ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଚାଷୀଙ୍କୁ ପ୍ରଦାନ କରିବେ ସହାୟତା ରାଶି

- ବିହାରରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର କାର୍ଯ୍ୟ; ଆସନ୍ତା ମଙ୍ଗଳବାର ୧୨୨ଟି ବିଧାନସଭା ଆସନ ପାଇଁ ହେବ ମତଗ୍ରହଣ
- ଆଜି ପାଳନ କରାଯାଉଛି ଭାରତୀୟ ବାୟୁସେନାର ୯୩ତମ ବାର୍ଷିକୀ
- ଓଡ଼ିଶାକୁ ଆସନ୍ତାକାଲି ଗସ୍ତରେ ଆସିବେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

ଏବଂ

- ଢାକା ଏସୀୟ ତୀରଚାଳନା ଚମ୍ପିଆନସିପ୍ ପ୍ରତିଯୋଗିତାରେ ଭାରତର ୧୬ ଜଣିଆ ଦଳର ଅଂଶଗ୍ରହଣ

# ପି.ଏମ୍. - ଡେରାଡୁନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡେରାଡୁନ୍‌ଠାରେ ଆୟୋଜିତ ଉତ୍ତରାଖଣ୍ଡ ରାଜ୍ୟ ଗଠନର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗ ଦେଇଛନ୍ତି। ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନାଗରିକଙ୍କର ଆନ୍ତରିକ ଚେଷ୍ଟା ଏବଂ ଉଦ୍ୟମ ବଳରେ ହିଁ ରାଜ୍ୟର ବିକାଶ ସହ ଦେଶର ବିକାଶ ସମ୍ଭବ ହୋଇଥାଏ।

**V/O–PM**

ଏହି ଅବସରରେ ପ୍ରଧାନମନ୍ତ୍ରୀ' ୮ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ ପାନୀୟଜଳ ଯୋଗାଣ, ଜଳସେଚନ, ବୈଷୟିକ ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, କ୍ରୀଡ଼ା ଓ ଦକ୍ଷତା ବିକାଶ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୨୮ ହଜାରରୁ ଅଧିକ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଡି.ବି.ଟି. ମାଧ୍ୟମରେ ୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

# ଶାହା-ଉତ୍ତରାଖଣ୍ଡ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉତ୍ତରାଖଣ୍ଡର ପ୍ରତିଷ୍ଠା ଦିବସ ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଆଧ୍ୟାତ୍ମିକ ଐତିହ୍ୟ, ସାଂସ୍କୃତିକ ବୈଭବ ଏବଂ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପବିତ୍ର ଭୂମି ସମଗ୍ର ଦେଶ ପାଇଁ ଏକ ବିଶ୍ୱାସର ପ୍ରତୀକ। ଶ୍ରୀ ଶାହା ରାଜ୍ୟର ଅବଦାନକୁ ପ୍ରଶଂସା କରିବା ସହ ବିକାଶ ଏବଂ ସଶକ୍ତୀକରଣ

କାମନା କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ରାଜ୍ୟର ରୌପ୍ୟ ଜୟନ୍ତୀ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି।

## ଭିପି କର୍ଣ୍ଣାଟକ

ଜୈନ ଧର୍ମର ନୀତି ଯଥା ଅହିଂସା, ଆତ୍ମସଂଯମ ଏବଂ ତ୍ୟାଗ ସମାଜର ଆଧ୍ୟାତ୍ମିକ ନୀତିକୁ ଆକାର ପ୍ରଦାନ କରିଥିଲା ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି। କର୍ଣ୍ଣାଟକର ହାସନ ଜିଲ୍ଲା ଅନ୍ତର୍ଗତ ଶ୍ରବଣ ବେଲଗୋଲାରେ ଜୈନ ସିର୍ ଆଚାର୍ଯ୍ୟ ଶାନ୍ତି ସାଗର ମହାରାଜଙ୍କ ସ୍ମୃତିଚାରଣ ସମାରୋହରେ ଯୋଗଦେଇ ଉପରାଷ୍ଟ୍ରପତି ଏହା କହିଛନ୍ତି। ସେ କହିଛନ୍ତି, ଆଚାର୍ଯ୍ୟ ଶାନ୍ତି ସାଗର ମହାରାଜ ଶାନ୍ତି ଏବଂ ମୋକ୍ଷ ପାଇଁ କରିଥିବା କାର୍ଯ୍ୟ ଆମ ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରୁଛି। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି, ଭୌତିକ ସୁଖ, ସମୃଦ୍ଧି ତ୍ୟାଗ କରି ଚନ୍ଦ୍ରଗୁପ୍ତ ଶ୍ରବଣ ବେଲଗୋଲାରେ ତାଙ୍କ ଜୀବନର ଅନ୍ତିମ ବର୍ଷଗୁଡ଼ିକ ବିତାଇଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ବିପର୍ଯ୍ୟସ୍ତ ବିଶ୍ୱରେ ଜୈନଧର୍ମ ଦ୍ୱାରା ଶିକ୍ଷା ଦିଆଯାଉଥିବା ଶାନ୍ତି ଓ ସମନ୍ୱୟର ବାର୍ତ୍ତା ବେଶ ଅର୍ଥପୂର୍ଣ୍ଣ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

## ବିହାର ଇଲେକ୍‌ସନ୍

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହେଉଛି । ବିଭିନ୍ନ ରାଜନୈତିକ ଦଳର ନେତା ତଥା ପ୍ରାର୍ଥୀଙ୍କ ପକ୍ଷରୁ ର୍‍ୟାଲି ଏବଂ ନିର୍ବାଚନୀ ସମାବେଶ ମାଧ୍ୟମରେ ନିଜ

ସପକ୍ଷରେ ଭୋଟର୍‌ଙ୍କୁ ଆକୃଷ୍ଟ କରିବା ପାଇଁ ଜୋରସୋର୍‌ରେ ପ୍ରୟାସ ଜାରି ରହିଛି। ରାଜନୈତିକ ଦଳଗୁଡ଼ିକର ବହୁ ଷ୍ଟାର୍ ପ୍ରଚାରକ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସମାବେଶକୁ ସମ୍ବୋଧନ କରୁଛନ୍ତି । ଏହି ପର୍ଯ୍ୟାୟରେ ଆସନ୍ତା ମଙ୍ଗଳବାର ଦିନ ୨୦ ଜିଲ୍ଲାର ୧୨୨ଟି ଆସନ ଲାଗି ମତଗ୍ରହଣ କରାଯିବ । ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧୮ଟି ଜିଲ୍ଲାର ୧୨୧ଟି ଆସନରେ ମତଗ୍ରହଣ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୬୪ ଦଶମିକ ୬/୬ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

## ଆଇଏଏଫ୍– ଆନିଭର୍‌ସାରି

ଭାରତୀୟ ବାୟୁସେନା ୯୩ତମ ବାର୍ଷିକୀ ପାଳନ ଅବସରରେ ପୂର୍ବ ବାୟୁକମାଣ୍ଡ ପକ୍ଷରୁ ଗୁଆହାଟୀଠାରେ ପ୍ରଥମ ପୂର୍ଣ୍ଣକାଳୀନ ଏୟରା ସୋ'ର ଆୟୋଜିତ ହୋଇଛି। ଗୁଆହାଟୀର ବ୍ରହ୍ମପୁତ୍ର ନଦୀ ଉପରେ ଥିବା ଲଚିତଘାଟରେ ୭୫ରୁ ଅଧିକ ବିମାନ ଓ ହେଲିକପ୍ଟର ପ୍ରଦର୍ଶନ କରାଯାଇଛି। ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ରହିଛି 'ଅବିକଳ, ଅଭେଦ୍ୟ ଓ ସଠିକ୍' । ଭାରତୀୟ ବାୟୁସେନାର କାର୍ଯ୍ୟଦକ୍ଷତା, ସ୍ଥିରତା ଏବଂ ସଠିକତା ଉପରେ ଏହି ବିଷୟବସ୍ତୁ କେନ୍ଦ୍ରୀଭୂତ ହୋଇଛି। କାର୍ଯ୍ୟକ୍ରମରେ ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ ସିଂହ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୭ଟି ବାୟୁସେନା ଘାଟିରୁ ଏହି ଏୟାର ସୋ' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ବିମାନଘାଟି ଗୁଡ଼ିକ ହେଉଛି

ଗୁଆହାଟୀ, ତେଜପୁର, ଜୋରହାଟ, ଚାବୁଆ, ହାସିମାରା, ବାଗଡୋଗରା ଏବଂ ପାନାଗଡ଼। ଏହି ଯୁଦ୍ଧ ବିମାନ ତାଲିକାରେ ରାଫେଲ, ସୁଖୋଇ-୩୦, ଆପାଚି, ମିଗ-୨୯, ଆଇଏଲ-୭୮ ରିଫ୍ୟୁଲର୍, ମିରାଜ୍, ଜାଗୁଆର, ସି-୧୭ ଗ୍ଲୋବମାଷ୍ଟର, ଏମଆଇ-୧୭, ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର-ଏମକେ୧, ସି-୧୩୦ ହର୍କ୍ୟୁଲସ୍, ଆଣ୍ଟୋନୋଭ୍ ଏଏନ୍-୩୨ ଏବଂ ସୂର୍ଯ୍ୟ କିରଣ ସାମିଲ ହୋଇଥିଲେ।

## ଶିବରାଜ– ଓଡ଼ିଶା ଭିଜିଟ୍

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ। ଶ୍ରୀ ଚୌହ୍ୱାନ କୃଷକଙ୍କ ଆୟବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠିତ ହେବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତିରେ କହିଛି, ଶ୍ରୀ ଚୌହ୍ୱାନ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଶ୍ରୀ ଚୌହ୍ୱାନ ଏହି ଅବସରରେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ମିଲେଟ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ରର ପଦକ୍ଷେପ ଉପରେ ଆଲୋକପାତ କରିବେ। ଏହାପରେ କୃଷି ମନ୍ତ୍ରୀ କଟକର ସଦର ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ର ପରିଦର୍ଶନ କରିବେ ଏବଂ କୃଷକମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବେ। ସେ ମଧ୍ୟ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ– ଆଇସିଏଆର'ର ଗୁରୁତ୍ୱପୂର୍ଣ୍ଣ ଜାତୀୟ କୃଷି ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଲାଗି ଏକ ମିଳିତ ବୈଠକରେ ମଧ୍ୟ ଅଂଶଗ୍ରହଣ କରିବେ। ଶ୍ରୀ ଚୌହ୍ୱାନଙ୍କ ଗସ୍ତ, ଓଡ଼ିଶାରେ

ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳ କୃଷି ବୃଦ୍ଧି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରଣାଳୟ କହିଛି।

## ମୋହନ ଭାବଗତ ସୋସିଆ ହାରମୋନି

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରସଂଘ ଚାଳକ ମୋହନ ଭାଗବତ କହିଛନ୍ତି, ସମାଜରେ ବିଭାଜନଜନିତ ଚିନ୍ତାଧାରା ଦୂରକରି ସାମାଜିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟ କରିବାକୁ ସଂଘ ଗୁରୁତ୍ୱ ପ୍ରଦାନ କରିଛି। ‘ବେଙ୍ଗାଲୁରୁରେ ସଂଘର ୧୦୦ ବର୍ଷ ଯାତ୍ରା ନୂତନ ଦିଗନ୍ତ’ ଉପରେ ବକ୍ତୃତା ପ୍ରଦାନ କରି ଶ୍ରୀ ଭାଗବତ କହିଛନ୍ତି, ୧୮୫୭ ମସିହାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ସମୟରେ ଉଭୟ ହିନ୍ଦୁ ଏବଂ ମୁସଲମାନ ମିଳିତ ଭାବେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରିଥିଲେ।  ଏହି ଏକତାକୁ ବ୍ରିଟିଶମାନେ ବିପଦ ଭାବେ ଅନୁଭବ କରିଥିଲେ। ତେଣୁ ଭାରତୀୟ ସମାଜରେ ବିଭାଜନର ବିଜ ରୋପଣ ସେମାନେ ଆରମ୍ଭ କରିଥିଲେ। ଏହି ବିଭାଜନ ଜନିତ ଚିନ୍ତାଧାରାକୁ ସମାପ୍ତ କରିବା ପାଇଁ ସଂଘ ଅଧିକ ପ୍ରୟାସ କରିବ ବୋଲି ଶ୍ରୀ ଭାଗବତ କହିଛନ୍ତି। ସଂଘର ସଦ୍‌ଭାବନା କାର୍ଯ୍ୟର ଅଂଶସ୍ୱରୂପ ବ୍ଲକସ୍ତରରେ ବିଭିନ୍ନ ସମ୍ପ୍ରଦାୟର ମୁଖ୍ୟଙ୍କ ସହ ଯୋଗାଯୋଗ ସ୍ଥାପନ କରାଯିବ। ସାମାଜିକ ସଦ୍‌ଭାବନା ବୃଦ୍ଧିରେ ସବୁ ସମ୍ପ୍ରଦାୟର ଯୋଗଦାନ ଉପରେ ଶ୍ରୀ ଭାଗବତ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ୟୁଏସ୍ ଇଣ୍ଡିଆ ସେମିକଣ୍ଡକ୍ଟର

ଭାରତରେ ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ଇଣ୍ଟେଲ କମ୍ପାନୀର ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଆମେରିକାରେ ଅବସ୍ଥାପିତ

ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଏବଂ ଇଣ୍ଟେଲର କାର୍ଯ୍ୟନିର୍ବାହୀ ଅଧିକାରୀ ଲିପ୍ ବୁ ଟାନ୍‌ଙ୍କ ମଧ୍ୟରେ ଏ ନେଇ ଆଲୋଚନା ହୋଇଛି । ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଏବଂ ଇଣ୍ଡିଆ ଏ.ଆଇ. ମିଶନର ସମନ୍ୱିତ କାର୍ଯ୍ୟକାରିତା ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ।

୨୦୨୧ ମସିହାରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ନିର୍ମାଣ, ଡିଜାଇନ ଏବଂ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ୭୬ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା । ଚଳିତ ବର୍ଷ ନୋଏଡା ଏବଂ ବେଙ୍ଗାଲୁରୁରେ ଭାରତ ଏହାର ପ୍ରଥମ ଥ୍ରୀ-ନାନୋମିଟର ଚିପ୍ ଡିଜାଇନ କେନ୍ଦ୍ରର ଉଦ୍‌ଘାଟନ କରିଛି । ଏଥିସହ ୫ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌ର ପ୍ରକଳ୍ପ ପ୍ରତିଷ୍ଠା କାର୍ଯ୍ୟ ଜାରି ରହିଛି । ଇଣ୍ଡିଆ ଏ.ଆଇ.ମିଶନ ଅଧୀନରେ ୨୦୨୪ ମସିହାରେ କୃତ୍ରିମ ବୁଦ୍ଧିମତା ଆଧାରିତ କାର୍ଯ୍ୟକ୍ରମ ପାଇଁ ୧୦ ହଜାର ୩୭୧ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଛି । ଏହି ମିଶନର ସାତଟି ସ୍ତମ୍ଭ ମଧ୍ୟରେ କମ୍ପ୍ୟୁଟ ଭିତ୍ତିଭୂମି, ଏଆଇ.କୋଶ, ଆପ୍ଲିକେସନ୍ ବିକାଶ, ଦକ୍ଷତା, ଷ୍ଟାର୍ଟ–ଅପ୍ ପାଣ୍ଠି ଏବଂ ନିରାପଦ ଏ.ଆଇ ବିକାଶ ଆଦି ଅନ୍ତର୍ଭୁକ୍ତ ରହିଛି ।

## ଏସିଆନ୍ ଆର୍ଚେରି ଚାମ୍ପିଅନସିପ

ବାଂଲାଦେଶର ଢାକାଠାରେ ଆୟୋଜିତ ଏସୀୟ ତୀରନ୍ଦାଜ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଭାରତର ୧୬ ଜଣିଆ ଦଳ ଅଂଶଗ୍ରହଣ କରୁଛି । ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଅଂଶଗ୍ରହଣ କରିବେ । ଜ୍ୟୋତିସୁରେଖା ଭେନମ ଏବଂ ଅଭିଷେକ ବର୍ମାଙ୍କ ଭଳି ତାରକା ଖେଳାଳିମାନେ ଏହି ଦଳରେ ସାମିଲ ହୋଇଛନ୍ତି । ଅଭିଷେକ ବର୍ମା ଏବଂ

ପ୍ରଥମେଶ ଜାୱ୍କର କମ୍ପାଉଣ୍ଡ ପୁରୁଷ ଦଳର ନେତୃତ୍ୱ ନେଉଥିବାବେଳେ ଦୀପିକା କୁମାରୀଙ୍କ ନେତୃତ୍ୱରେ ମହିଳା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ଭାରତର ରିକର୍ଭ ତୀର ଚାଳନା ପ୍ରତିଯୋଗୀ ଏହି ଇଭେଣ୍ଟରେ ନିଜର ଉତ୍କର୍ଷ ପ୍ରତିପାଦନ କରିବାକୁ ଚେଷ୍ଟା କରିବେ ବୋଲି ଆଶା କରାଯାଉଛି।